ପାଠ-୨

# ଟୁନା ଟୁନି



ଟୁନା ଟୁନି ଭାଇ ଭଉଣୀ
ଆଣିଲେ ଚାଉଳ ଚୂନା,
ବିରି ବାଟିଲେ ଚକୁଳି କଲେ
କହିଲେ ଚଟିଆ ଅନା ।





କବାଟ ଖୋଲି କହିଲା ଟୁନା
ବାଘ ମାମୁଁ ହେ ଆସ,
ଚକୁଳି ଚିନି ଚଟଣି ଖାଇ
ଚଉକି ଉପରେ ବସ ।

ଚଉକି କଲା କଟକଟ
ବାଘ ମାମୁଁ ଛଟପଟ ।



# ଅଭ୍ୟାସ

୧. 'ଚ' ଅକ୍ଷର ଚାରିପଟେ '◯' କରିବା ଓ
'ଟ' ଅକ୍ଷର ଚାରିପଟେ '□' କରିବା ।



ଚଉକି



ବାଘ



କବାଟ



ଚଟ



ଟଗର



ପନିକି



ଅରଟ



ମାଠିଆ



ଚାମଚ

୨. ତଳ ଛବିରେ ଥିବା ଜିନିଷମାନଙ୍କର ନାମ କହିବା ।
କେଉଁ ଜିନିଷଗୁଡ଼ିକ ଭାରି ଓ କେଉଁଗୁଡ଼ିକ ହାଲୁକା କହିବା ।



୩. ଘରେ ଥିବା କେତୋଟି ଭାରି ଜିନିଷର ନାମ କହିବା ।

୪. ଛବି ଦେଖି ତଳ ଲେଖା ପଢ଼ିବା ।



ଚଟିଆ



ଚପଲ



ଖଟ



ଚାବି



ଚଟୁ



ଚକ

## ୫. ଛବି ଦେଖି କହିବା ।



କ) କିଏ ଧୋତି ପିନ୍ଧିଛନ୍ତି ?

ଖ) ସେ ଆଉ କ'ଣ କ'ଣ ପିନ୍ଧିଛନ୍ତି ?

ଗ) ତୁମ ଘରେ ଆଉ କିଏ କିଏ ଅଛନ୍ତି ?

ଘ) କିଏ ଶାଢ଼ି ପିନ୍ଧିଛନ୍ତି ?

ଙ) ସେ ଆଉ କ'ଣ କ'ଣ ପିନ୍ଧିଛନ୍ତି ?

ଚ) ପୁରୁଷ ଲୋକମାନେ ଆଉ କେଉଁ କେଉଁ ପୋଷାକସବୁ ପିନ୍ଧନ୍ତି ?

ଛ) ସ୍ତ୍ରୀ ଲୋକମାନେ ଆଉ କେଉଁ କେଉଁ ପୋଷାକସବୁ ପିନ୍ଧନ୍ତି ?

## ୬. କବିତାରେ 'ଚ' ତଳେ ଗାର ଓ 'ଟ' ଉପରେ ଗାର ଦେବା ।

ଯେମିତି : ଚ ଟ

## ୭. 'ଚ' ଓ 'ଟ' ଲଗାଇ ଆଉ କେଉଁ କେଉଁ ଶବ୍ଦ ଜାଣିଛ କହିବା ।

୮.



ଚଟିଆ ଆଖିରେ ଚଷମା ଲଗାଇ
ଚଉକି ଉପରେ ବସିଛି,
ଚଟଣି ତାଟିଆ ପାଟିରେ ଲଗାଇ
ଟିକିଏ ଟିକିଏ ଚାଖୁଛି ।

'ଚ' ଅକ୍ଷର ଯେଉଁଠି ଅଛି ତା ଉପରେ ଗୋଡ଼ି ରଖିବା ।

୯. କ)ଆସ ଚକୁଳି ପିଠାର ଛବି କରିବା ।



ଖ)ଆସ ଅଧା ଚକୁଳି ପିଠାର ଛବି କରିବା ।



ଗ) ଅଧା ଫୁଲକୁ ପୂରା କରିବା ।



## ୧୦. ଛବି ଦେଖି କହିବା ।



କ) ବେଙ୍ଗୁଲୀ ନାନୀ କ'ଣ କରୁଛି ?

ଖ) ପିଠା କରିବା ପାଇଁ କ'ଣ କ'ଣ ଦରକାର ?

ଗ) ମାଙ୍କଡ଼ କ'ଣ ଦେଖୁଛି ?

ଘ) ତୁମେ କେଉଁ କେଉଁ ପିଠା ଖାଇଛ ?



# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଚିତ୍ର ଦେଖି ଶିକ୍ଷକ ଓ ପିଲାମାନେ କବିତାଟିକୁ ୨/୩ ଥର ଆବୃତ୍ତି କରିବେ।

- କବିତାଟିକୁ ପଦ, ପଦରୁ ଧାଡ଼ି, ଧାଡ଼ିରୁ ଅଧା ଧାଡ଼ି, ଅଧା ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କରାଇବା ଆବଶ୍ୟକ।

- ଅଭ୍ୟାସ କାର୍ଯ୍ୟ ୩ ଓ ୭ରେ ପ୍ରତ୍ୟେକ ପିଲା କିଛି କହିବା ଆବଶ୍ୟକ।

- ଅଭ୍ୟାସ କାର୍ଯ୍ୟ ୫ରେ ଅନ୍ୟାନ୍ୟ ପୋଷାକ ଉପରେ ଆଲୋଚନା କରିବା ଦରକାର।

- ଅଭ୍ୟାସ କାର୍ଯ୍ୟ ୯ ପରି ବାଲି, ଗୋଡ଼ିକୁ ନେଇ ବିଭିନ୍ନ ଆକୃତିର କାମ ହେବା ଆବଶ୍ୟକ।

- ଏହି ପାଠଟିକୁ ପଢ଼ାଇବା ପାଇଁ ଅନ୍ୟୂନ ୨୧ ପିରିଅଡ୍ ଲାଗିବ। ଏହି ପାଠରୁ ଶୁଣିବା, କହିବା, ପଢ଼ିବା (ଚ ଓ ଟ), ଆବୃତ୍ତି କରିବା, ପ୍ରାକ୍ ଲିଖନ, ପ୍ରାକ୍ ଗଣନ (ଗୋଟିଏ ସହ ଗୋଟିଏକୁ ଯୋଡ଼ିବା, ଭାରି ଓ ହାଲୁକା, ବିଭିନ୍ନ ଆକୃତି ଇତ୍ୟାଦି), କଳ୍ପନା କରିବା, ପରିବେଶରୁ ବ୍ୟବହାର କରାଯାଉଥିବା ବିଭିନ୍ନ ଜିନିଷ, ପୋଷାକ, କିଏ କ'ଣ ପିନ୍ଧନ୍ତି ଓ ପରିବାରର ସଦସ୍ୟଙ୍କ ନାମ କହିବାର ଦକ୍ଷତା ବିକାଶ ହେବା ଆବଶ୍ୟକ।